भारतीय प्रौद्योगिकी संस्थान भुवनेश्‌ वर
**Indian Institute of Technology Bhubaneswar**

| Media/Publication | The Political & Business Daily | | |
|---|---|---|---|
| Date | 8th July 2026 | Language | English |
| Headline | IIT Bhubaneswar gets 'Prakruti Mitra Award' for environment conservation | | |

# IIT Bhubaneswar gets 'Prakruti Mitra Award' for environmental conservation

**PBD BUREAU**

BHUBANESWAR, JULY 7

INDIAN Institute of Technology (IIT) Bhubaneswar has been conferred with the prestigious 'Prakruti Mitra Award 2025–26' by the Khordha Forest Division in recognition of its exemplary contribution towards environmental conservation, afforestation, and sustainable campus development.

The Institute was nominated for the award under the Jatni Block category as part of the Van Mahotsava 2026 celebrations.

The award was received on behalf of the Institute by Bamadev Acharya, Registrar, IIT Bhubaneswar, from Khordha MLA Prasanta Kumar Jagadev in the presence of Manoj Mahapatra, Divisional Forest Officer (DFO), Khordha.



Also present on the occasion were K. Rabin Kumar Dora, Superintending Engineer, IIT Bhubaneswar, and Kamireddy Visweswara Reddy, Horticulturist, IIT Bhubaneswar, who have played a significant role in the Institute's green campus initiatives.

IIT Bhubaneswar has consistently demonstrated its commitment to environmental sustainability through large-scale plantation drives, biodiversity conservation, water resource management, and the development of a vibrant green campus. Spread across nearly 936 acres at the foothills of the historic Barunei Hill, the Institute has nurtured over 50,000 trees, creating a rich ecological habitat that supports diverse flora and fauna while promoting sustainable living practices.

The Khordha Forest Division presents the Prakruti Mitra Award to institutions and organizations that have made outstanding contributions towards environmental protection, afforestation, and the promotion of ecological awareness.

The recognition further reinforces IIT Bhubaneswar's commitment to building a sustainable and environmentally responsible campus for future generations.

| Media/Publication | Pragativadi.com | | |
|---|---|---|---|
| Date | 7th July 2026 | Language | English |
| Headline | IIT Bhubaneswar Receives Prakruti Mitra Award for Environmental Conservation | | |
| Link | https://m.sambadepaper.com/imageview_155853_188437_4_71_24-06-2026_5_i_1_sf.html | | |



IIT Bhubaneswar has received the prestigious *Prakruti Mitra Award 2025–26* from the Khordha Forest Division for its outstanding contribution to environmental conservation, afforestation, and sustainable campus development.

---

The recognition came under the Jatni Block category during Van Mahotsava 2026 celebrations.

Registrar Bamadev Acharya accepted the award on behalf of the institute from Khordha MLA Prasanta Kumar Jagadev in the presence of Divisional Forest Officer Shri Manoj Mahapatra. Superintending Engineer K. Rabin Kumar Dora and Horticulturist Kamireddy Visweswara Reddy also attended the ceremony, both instrumental in driving IIT Bhubaneswar's green campus projects.

Spread across 936 acres at the foothills of Barunei Hill, IIT Bhubaneswar has nurtured over 50,000 trees, creating a thriving ecological habitat. The institute has consistently promoted sustainability through plantation drives, biodiversity conservation, water resource management, and eco-friendly infrastructure.

The *Prakruti Mitra Award* is presented annually to institutions and organisations that demonstrate excellence in environmental protection and ecological awareness.

| | |
|---|---|
| | भारतीय प्रौद्योगिकी संस्थान भुवनेश् वर<br>**Indian Institute of Technology Bhubaneswar** |

| **Media/Publication** | **Skilloutlook.com** | | |
|---|---|---|---|
| **Date** | **7th July 2026** | **Language** | **English** |
| **Headline** | **IIT Bhubaneswar receives 'Prakruti Mitra Award 2025–26' for Environmental Conservation** | | |
| **Link** | **https://skilloutlook.com/education/iit-bhubaneswar-receives-prakruti-mitra-award-2025-26-for-environmental-conservation** | | |

**Bhubaneswar :** Indian Institute of Technology (IIT) Bhubaneswar has been conferred with the prestigious 'Prakruti Mitra Award 2025–26' by the Khordha Forest Division in recognition of its exemplary contribution towards environmental conservation, afforestation, and sustainable campus development. The Institute was nominated for the award under the Jatni Block category as part of the Van Mahotsava 2026 celebrations.

The award was received on behalf of the Institute by Shri Bamadev Acharya, Registrar, IIT Bhubaneswar, from Shri Prasanta Kumar Jagadev, Hon'ble MLA, Khordha, in the presence of Shri Manoj Mahapatra, Divisional Forest Officer (DFO), Khordha.

Also present on the occasion were Shri K. Rabin Kumar Dora, Superintending Engineer, IIT Bhubaneswar, and Shri Kamireddy Visweswara Reddy, Horticulturist, IIT Bhubaneswar, who have played a significant role in the Institute's green campus initiatives.

IIT Bhubaneswar has consistently demonstrated its commitment to environmental sustainability through large-scale plantation drives, biodiversity conservation, water resource management, and the development of a vibrant green campus. Spread across nearly 936 acres at the foothills of the historic Barunei Hill, the Institute has nurtured over 50,000 trees, creating a rich ecological habitat that supports diverse flora and fauna while promoting sustainable living practices.

The Khordha Forest Division presents the Prakruti Mitra Award to institutions and organizations that have made outstanding contributions towards environmental protection, afforestation, and the promotion of ecological awareness. The recognition further reinforces IIT Bhubaneswar's commitment to building a sustainable and environmentally responsible campus for future generations.

| Media/Publication | Odishastand.com | | |
|---|---|---|---|
| Date | 7th July 2026 | Language | English |
| Headline | IIT Bhubaneswar Honored with Prestigious Prakruti Mitra Award 2025–26 | | |
| Link | https://odishastand.com/iit-bhubaneswar-honored-prakruti-mitra-award-2026 | | |



In a major recognition of its dedication to ecological sustainability, the Indian Institute of Technology (IIT) Bhubaneswar has been awarded the prestigious ‘Prakruti Mitra Award 2025–26’. The accolade, presented by the Khordha Forest Division, honors the premier technical institute for its outstanding contributions to environmental conservation, mass afforestation and green campus development. IIT Bhubaneswar earned the nomination under the Jatni Block category as part of the state’s Van Mahotsava 2026 celebrations.

Shri Bamadev Acharya, Registrar of IIT Bhubaneswar, formally accepted the award on behalf of the Institute from the Hon’ble MLA of Khordha, Shri Prasanta Kumar Jagadev. The presentation took place in the presence of Shri Manoj Mahapatra, Divisional Forest Officer (DFO), Khordha. Key members of the institute’s green team, including Superintending Engineer Shri K. Rabin Kumar Dora and Horticulturist Shri Kamireddy Visweswara Reddy, were also in attendance to mark the achievement, reflecting their pivotal roles in steering the campus’s eco-friendly programs.

The award highlights IIT Bhubaneswar’s continuous efforts to embed sustainability into its infrastructure through expansive tree plantation drives, local biodiversity preservation, efficient water resource management and the upkeep of a thriving ecosystem. Nestled across 936 acres at the foothills of the historic Barunei Hill, the campus is home to more than 50,000 nurtured trees, providing a vast ecological habitat for regional flora and fauna while fostering sustainable living among its academic community. Given annually by the Khordha Forest Division to celebrate exceptional leadership in environmental protection and ecological awareness, this award strengthens IIT Bhubaneswar’s resolve to build an environmentally responsible haven for future generations of students and researchers.

| | |
|---|---|
| | भारतीय प्रौद्योगिकी संस्थान भुवनेश्वर<br>**Indian Institute of Technology Bhubaneswar** |

| Media/Publication | Odishahaat.com | | |
|---|---|---|---|
| Date | 7th July 2026 | Language | English |
| Headline | IIT Bhubaneswar Wins Prakruti Mitra Award for Green Campus Initiatives | | |
| Link | https://odishahaat.com/iit-bhubaneswar-prakruti-mitra-award-environmental-conservation | | |



Indian Institute of Technology (IIT) Bhubaneswar has been conferred with the prestigious 'Prakruti Mitra Award 2025–26' by the Khordha Forest Division. This honor comes in recognition of the Institute's exemplary contribution towards environmental conservation, afforestation and sustainable campus development. Nominated under the Jatni Block category, the accolade was presented to the Institute as part of the ongoing Van Mahotsava 2026 celebrations.

The award was received on behalf of the Institute by Shri Bamadev Acharya, Registrar, IIT Bhubaneswar. The presentation was made by Shri Prasanta Kumar Jagadev, Hon'ble MLA, Khordha, in the presence of Shri Manoj Mahapatra, Divisional Forest Officer (DFO), Khordha. Other key officials present at the ceremony included Shri K. Rabin Kumar Dora, Superintending Engineer and Shri Kamireddy Visweswara Reddy, Horticulturist, both of whom have played a significant role in leading the Institute's green campus initiatives.

IIT Bhubaneswar has consistently demonstrated its commitment to environmental sustainability through large-scale plantation drives, biodiversity conservation, water resource management and the development of a vibrant green campus. Spread across nearly 936 acres at the foothills of the historic Barunei Hill, the Institute has nurtured over 50,000 trees, successfully creating a rich ecological habitat that supports diverse flora and fauna while promoting sustainable living practices. The Khordha Forest Division presents the Prakruti Mitra Award annually to institutions and organizations that show outstanding dedication toward environmental protection, afforestation and the promotion of ecological awareness. This recognition further reinforces IIT Bhubaneswar's long-term commitment to building a sustainable and environmentally responsible campus for future generations.

| Media/Publication | The Samaja | | |
|---|---|---|---|
| Date | 8th July 2026 | Language | Odia |
| Headline | IIT Bhubaneswar receives ‘Prakruti Mitra Award’ | | |

# ଆଇଆଇଟିକୁ ପ୍ରକୃତି ମିତ୍ର ପୁରସ୍କାର



ଜଟଣୀ, ୭।୭ (ନି.ପ୍ର) : ପରିବେଶର ସୁରକ୍ଷା, ସୌନ୍ଦର୍ଯ୍ୟକରଣ, ସବୁଜିମା ସୃଷ୍ଟି ଏବଂ ବନୀକରଣ ଲାଗି ଭୁବନେଶ୍ୱର ଆଇଆଇଟିକୁ ଖୋରଧା ବନ ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏ ନେଇ ଆଇଆଇଟି ପକ୍ଷରୁ ସୂଚନା ଦିଆଯାଇଛି। ଐତିହାସିକ ବରୁଣେଇ ପାହାଡ଼ ପାଦ ଦେଶରେ ଜଟଣୀ ତହସିଲ ଅଞ୍ଚଳରେ ୯୩୬ ଏକର ଜମିରେ ଆଇଆଇଟି ପ୍ରତିଷ୍ଠା କରାଯାଇଛି। ଇତିମଧ୍ୟରେ ଆଇଆଇଟି ପରିସରରେ ୫୦ ହଜାରରୁ ଅଧିକ ଚାରା ରୋପଣ କରାଯାଇଛି। ବନ ମହୋତ୍ସବ-୨୦୨୬ ଅବସରରେ ଆଇଆଇଟିକୁ ଜଟଣୀ ବ୍ଲକ ସ୍ତରୀୟ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଖୋରଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବନଖଣ୍ଡ ଅଧିକାରୀ ମନୋଜ କୁମାର ମହାପାତ୍ର ଏହି ପୁରସ୍କାର ବିତରଣ କରିଥିଲେ। ଆଇଆଇଟିର କୁଳ ସଚିବ ବାମଦେବ ଆଚାର୍ଯ୍ୟ, ଅଧୀକ୍ଷଣ ଯନ୍ତ୍ରୀ କେ.ରବିନ କୁମାର, କେ.ବିଶ୍ୱେଶ୍ୱର ରେଡ୍ଡି ପ୍ରମୁଖ ଯୋଗ ଦେଇଥିଲେ।

| Media/Publication | The Sambad | | |
|---|---|---|---|
| Date | 10th July 2026 | Language | Odia |
| Headline | IIT Bhubaneswar receives 'Prakruti Mitra' Award | | |

# ଆଇଆଇଟିକୁ ପ୍ରକୃତି ମିତ୍ର ପୁରସ୍କାର

ଭୁବନେଶ୍ୱର, ୯/୭ (ଇମିସ): ପରିବେଶ ସଂରକ୍ଷଣ, ବନୀକରଣ ଓ ସ୍ଥାୟୀ କ୍ୟାମ୍ପସ ବିକାଶ ପାଇଁ ଖୋର୍ଦ୍ଧା ଜିଲ୍ଲା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ପ୍ରକୃତି ମିତ୍ର ପୁରସ୍କାର' ପ୍ରଦାନ କରାଯାଇଛି। ୨୦୨୬ ବନ ମହୋତ୍ସବ ପାଳନ ଅବସରରେ ଜଟଣୀ ବ୍ଲକ୍ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଡିଏଫ୍‌ଓ ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱର କୁଳସଚିବ ବାମଦେବ ଆଚାର୍ଯ୍ୟ ପୁରସ୍କାର ଗ୍ରହଣ କରିଥିଲେ। ସବୁଜ କ୍ୟାମ୍ପସରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆଇଆଇଟି ଭୁବନେଶ୍ୱରର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ରବିନ କୁମାର ଦୋରା, ଉଦ୍ୟାନ କୃଷି ଅଧିକାରୀ କାମିରେଡି ବିଶ୍ୱେଶ୍ୱରା ରେଡ୍ଡୀ ଉପସ୍ଥିତ ଥିଲେ।

| | |
|---|---|
| | भारतीय प्रौद्योगिकी संस्थान भुवनेश् वर<br>**Indian Institute of Technology Bhubaneswar** |

| **Media/Publication** | **The Prameya** | | |
|---|---|---|---|
| **Date** | **8th July 2026** | **Language** | **Odia** |
| **Headline** | **IIT Bhubaneswar receives ‘Prakruti Mitra’ Award** | | |

# ଆଇଆଇଟିକୁ ପ୍ରକୃତି ମିତ୍ର ପୁରସ୍କାର



ଜଟଣୀ,୮।୭(ଆପ୍ର): ସୁନ୍ଦର ସବୁଜ ଓ ପରିବେଶ କ୍ୟାମ୍ପସ୍ ଗଠନ କରିବା ତଥା ଅଧିକ ଗଛ ଲଗାଇ ପରିବେଶକୁ ସୁରକ୍ଷିତ ରଖିବା ପ୍ରୟାସ ପାଇଁ ଜଟଣୀସ୍ଥିତ ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ(ଆଇଆଇଟି)କୁ ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ ସମ୍ମାନଜନକ ପ୍ରକୃତିମିତ୍ର ପୁରସ୍କାର ୨୦୨୫-୨୬ ପ୍ରଦାନ କରାଯାଇଛି। ବନ ମହୋତ୍ସବ-୨୦୨୬ ପାଳନ ଅବସରରେ ଜଟଣୀ ବ୍ଲକ ବର୍ଗରେ ଏହି ପ୍ରତିଷ୍ଠାନକୁ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଖୋର୍ଦ୍ଧା ଡିଏଫ୍ଓ ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କଠାରୁ ଆଇଆଇଟି ପକ୍ଷରୁ ପ୍ରତିଷ୍ଠାନର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ପୁରସ୍କାର ଗ୍ରହଣ କରିଥିଲେ। ପ୍ରତିଷ୍ଠାନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର କେ ରବୀନ୍ କୁମାର ଦୋରା, ଉଦ୍ୟାନବିତ୍ କାମିରେଡ୍ଡି ବିଶ୍ୱେଶ୍ୱରା ରେଡ୍ଡୀ ଉପସ୍ଥିତ ଥିଲେ। ଏହି ଆଇଆଇଟି ବ୍ୟାପକ ବୃକ୍ଷରୋପଣ, ଜୈବ ବିବିଧତା ସଂରକ୍ଷଣ, ଜଳ ସମ୍ପଦ ପରିଚାଳନା ଓ ସବୁଜ କ୍ୟାମ୍ପସ୍ ବିକାଶ ମାଧ୍ୟମରେ ପରିବେଶଗତ ସ୍ଥିରତା ପ୍ରତି ନିରନ୍ତର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଐତିହାସିକ ବରୁଣେଇ ପାହାଡ଼ ପାଦଦେଶରେ ୯୩୬ ଏକର ଜମିରେ ବିସ୍ତାରିତ ପ୍ରତିଷ୍ଠାନ ୫୦ ହଜାରରୁ ଅଧିକ ବୃକ୍ଷରୋପଣ କରିବା ସହ ଏହାର ସଂରକ୍ଷଣ କରୁଛି। ଏହା ସମୃଦ୍ଧ ପରିବେଶଗତ କ୍ୟାମ୍ପସ୍ ସୃଷ୍ଟି କରିଛି।

| | | | |
|---|---|---|---|
| **Media/Publication** | **The Pragativadi** | | |
| **Date** | **8th July 2026** | **Language** | **Odia** |
| **Headline** | **IIT Bhubaneswar receives 'Prakruti Mitra' Award** | | |

# ଆଇଆଇଟି ଭୁବନେଶ୍ୱରକୁ ପ୍ରକୃତି ମିତ୍ର ପୁରସ୍କାର



■ ଜଟଣୀ,ତା୭।୭(ପିଏନଏସ)
ପରିବେଶ ସଂରକ୍ଷଣ, ବନୀକରଣ ଓ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଅନୁକରଣୀୟ ଅବଦାନ ପାଇଁ ଖୋର୍ଦ୍ଧା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬ ପ୍ରଦାନ କରାଯାଇଛି। ବନ ମହୋତ୍ସବ ୨୦୨୬ ପାଳନର ଅଂଶ ଭାବରେ ଏହି ପ୍ରତିଷ୍ଠାନକୁ ଜଟଣୀ ବ୍ଲକ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବନ ଅଧିକାରୀ (ଡିଏଫଓ) ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ଆଇଆଇଟି ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର କେ ରବିନ କୁମାର ଦୋରା, ଉଦ୍ୟାନ କୃଷି, ଆଇଆଇଟି ଭୁବନେଶ୍ୱର କାମିରେଡ୍ଡି ବିଶ୍ୱେଶ୍ୱରା ରେଡ୍ଡୀ ଉପସ୍ଥିତ ଥିଲେ। ଆଇଆଇଟିର ବ୍ୟାପକ ବୃକ୍ଷରୋପଣ ଅଭିଯାନ, ଜୈବ ବିବିଧତା ସଂରକ୍ଷଣ, ଜଳସମ୍ପଦ ପରିଚାଳନା ଓ ଏକ ସବୁଜ କ୍ୟାମ୍ପସର ବିକାଶ ମାଧ୍ୟମରେ ପରିବେଶଗତ ସ୍ଥିରତା ପ୍ରତି ନିରନ୍ତର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ପ୍ରାୟ ୯୩୬ ଏକର ଜମିରେ ବିସ୍ତାରିତ ଏହି ପ୍ରତିଷ୍ଠାନ ୫୦,୦୦୦ ରୁ ଅଧିକ ବୃକ୍ଷରୋପଣ କରିବା ସହ ସେଗୁଡ଼ିକର ସଂରକ୍ଷଣ କରୁଛି, ଯାହା ଏକ ସମୃଦ୍ଧ ପରିବେଶଗତ କ୍ୟାମ୍ପସ ସୃଷ୍ଟି କରିଛି ଓ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ଜୈବ ବିବିଧତାକୁ ସୁରକ୍ଷିତ କରୁଛି। ପରିବେଶ ସୁରକ୍ଷା, ବନୀକରଣ ଓ ପରିବେଶ ସଚେତନତା ପ୍ରୋତ୍ସାହନ ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନୁଷ୍ଠାନ ଓ ସଂଗଠନଗୁଡ଼ିକୁ ଖୋର୍ଦ୍ଧା ବନ ବିଭାଗ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରେ। ଏହି ମାନ୍ୟତା ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ଥାୟୀ ଓ ପରିବେଶଗତ ଦାୟିତ୍ୱପୂର୍ଣ୍ଣ କ୍ୟାମ୍ପସ ନିର୍ମାଣ ପାଇଁ ଆଇଆଇଟି ଭୁବନେଶ୍ୱରର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

| Media/Publication | The Samaya | | |
|---|---|---|---|
| Date | 8th July 2026 | Language | Odia |
| Headline | IIT Bhubaneswar receives ‘Prakruti Mitra’ Award | | |

# ଆଇଆଇଟି ଭୁବନେଶ୍ୱରକୁ 'ପ୍ରକୃତି ମିତ୍ର ପୁରସ୍କାର

ଜଟଣୀ, (ସବ୍ୟୁ): : ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଅନୁକରଣୀୟ ଅବଦାନ ପାଇଁ ଖୋର୍ଦ୍ଧା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬' ପ୍ରଦାନ କରାଯାଇଛି। ବନ ମହୋତ୍ସବ ୨୦୨୬ ପାଳନର ଅଂଶ ଭାବରେ ଏହି ପ୍ରତିଷ୍ଠାନକୁ ଜଟଣୀ ବ୍ଲକ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା।ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଖୋର୍ଦ୍ଧାର ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଠାରୁ ଖୋର୍ଦ୍ଧାର ବିଭାଗୀୟ ବନ ଅଧିକାରୀ (ଡିଏଫଓ) ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ।ଏହି ଅବସରରେ କେ ରବିନ କୁମାର ଦୋରା, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଆଇଆଇଟି ଭୁବନେଶ୍ୱର ଏବଂ ଉଦ୍ୟାନ କୃଷି, ଆଇଆଇଟି ଭୁବନେଶ୍ୱର କାମିରେଡି ବିଶ୍ୱେଶ୍ୱରା ରେଡ୍ଡୀ ଉପସ୍ଥିତ ଥିଲେ, ଯେଉଁମାନେ ଅନୁଷ୍ଠାନର ସବୁଜ କ୍ୟାମ୍ପସ ପଦକ୍ଷେପରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

| | |
|---|---|
| | भारतीय प्रौद्योगिकी संस्थान भुवनेश्  वर<br>**Indian Institute of Technology Bhubaneswar** |

| **Media/Publication** | **The Suryaprava** | | |
|---|---|---|---|
| **Date** | **8th July 2026** | **Language** | **Odia** |
| **Headline** | **IIT Bhubaneswar receives 'Prakruti Mitra' Award** | | |

# 'ଆଇଆଇଟି ଭୁବନେଶ୍ୱରକୁ 'ପ୍ରକୃତି ମିତ୍ର ପୁରସ୍କାର



॥ ପ୍ରଭାନ୍ୟୁଜ ॥

**ଜଟଣୀ,୭।୭:** ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଅନୁକରଣୀୟ ଅବଦାନ ପାଇଁ ଖୋର୍ଦ୍ଧା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬'ପ୍ରଦାନ କରାଯାଇଛି। ବନ ମହୋତ୍ସବ ୨୦୨୬ ପାଳନର ଅଂଶ ଭାବରେ ଏହି ପ୍ରତିଷ୍ଠାନକୁ ଜଟଣୀ ବ୍ଲକ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଖୋର୍ଦ୍ଧାର ମାନ୍ୟବର ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କଠାରୁ ଖୋର୍ଦ୍ଧାର ବିଭାଗୀୟ ବନ ଅଧିକାରୀ (ଡିଏଫଓ) ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କେ ରବିନ କୁମାର ଦୋରା, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଆଇଆଇଟି ଭୁବନେଶ୍ୱର ଏବଂ ଉଦ୍ୟାନ କୃଷି, ଆଇଆଇଟି ଭୁବନେଶ୍ୱର କାମିରେଡ୍ଡି ବିଶ୍ୱସ୍ୱେରା ରେଡ୍ଡୀ ଉପସ୍ଥିତ ଥିଲେ, ଯେଉଁମାନେ ଅନୁଷ୍ଠାନର ସବୁଜ କ୍ୟାମ୍ପସ ପଦକ୍ଷେପରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

भारतीय प्रौद्योगिकी संस्थान भुवनेश् वर

**Indian Institute of Technology Bhubaneswar**

| | | | |
|---|---|---|---|
| **Media/Publication** | **The Nirbhay Suchana** | | |
| **Date** | **8th July 2026** | **Language** | **Odia** |
| **Headline** | **IIT Bhubaneswar receives 'Prakruti Mitra Award 2025–26' for Environmental Conservation** | | |

# ପରିବେଶ ସଂରକ୍ଷଣ ଦୃଷ୍ଟିରେ 'ପ୍ରକୃତି ମିତ୍ର' ପୁରସ୍କାରରେ ସମ୍ମାନିତ ଆଇଆଇଟି ଭୁବନେଶ୍ୱର

ଜଟଣୀ,୦୭(ନି.ସୂ) :ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଖୋର୍ଦ୍ଧା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬' ପ୍ରଦାନ କରାଯାଇଛି। ବନ ମହୋତ୍ସବ ୨୦୨୬ ପାଳନର ଅଂଶ ଭାବରେ ଏହି ପ୍ରତିଷ୍ଠାନକୁ ଜଟଣୀ ରୂଢ଼ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଓ ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ, ଖୋର୍ଦ୍ଧାବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଠାରୁ ଖୋର୍ଦ୍ଧାର ବିଭାଗୀୟ ବନ ଅଧିକାରୀ (ଡିଏଫଓ) ଶ୍ରୀ ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରି କରିଥିଲେ ।



ଏହି ଅବସ ବସରରେ ଶ୍ରୀ କେ ରବିନ କୁମାର ଦୋରା, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଆଇଆଇଟି ଭୁବନେଶ୍ୱର ଏବଂ ଉଦ୍ୟାନ କୃଷି, ଆଇଆଇଟି ଭୁବନେଶ୍ୱର କାମିରେଡ୍ଡି ବିଶ୍ୱସ୍ୱରା ରେଡ୍ଡୀ ଉପସ୍ଥିତ ଥିଲେ, ଯେଉଁମାନେ ଅନୁଷ୍ଠାନର ସବୁଜ କ୍ୟାମ୍ପସ ପଦକ୍ଷେପରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଆଇଆଇଟି ଭୁବନେଶ୍ୱର ବ୍ୟାପକ ବୃକ୍ଷରୋପଣ ଅଭିଯାନ, ଜୈବ ବିବିଧତା ସଂରକ୍ଷଣ, ଜଳସମ୍ପଦ ପରିଚାଳନା ଏବଂ ଏକ ସବୁଜ କ୍ୟାମ୍ପସର ବିକାଶ ମାଧ୍ୟମରେ ପରିବେଶଗତ ସ୍ଥିରତା ପ୍ରତି ନିରନ୍ତର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ପ୍ରାୟ ୯୩୬ ଏକର ଜମିରେ ବିସ୍ତାରିତ ଏହି ପ୍ରତିଷ୍ଠାନ ୫୦,୦୦୦ ରୁ ଅଧିକ ବୃକ୍ଷରୋପଣ କରିବା ସହ ସେଗୁଡିକର ସଂରକ୍ଷଣ କରୁଛି । ଯାହା ଏକ ସମୃଦ୍ଧ ପରିବେଶଗତ କ୍ୟାମ୍ପସ ସୃଷ୍ଟି କରିଛି ଯାହା ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ଛିଡ କରେ। ଜୈବବିବିଧତାକୁ ସୁରକ୍ଷିତ ପରିବେଶ ସୁରକ୍ଷା, ବନୀକରଣ ଏବଂ ପରିବେଶ ସଚେତନତା ପ୍ରୋତ୍ସାହନ ଦିଗରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ଅନୁଷ୍ଠାନ ଏବଂ ସଂଗଠନଗୁଡ଼ିକୁ ଖୋର୍ଦ୍ଧା ବନ ବିଭାଗ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରେ ଓ ଏହି ମାନ୍ୟତା ଭବିଷ୍ୟତ ପିଢି ପାଇଁ ଏକ ସ୍ଥାୟୀ ଏବଂ ପରିବେଶଗତ ଦାୟିତ୍ୱପୂର୍ଣ୍ଣ କ୍ୟାମ୍ପସ ନିର୍ମାଣ ପାଇଁ ଆଇଆଇଟି ଭୁବନେଶ୍ୱରର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରେ ।

| **Media/Publication** | **The Pratidin** | | |
|---|---|---|---|
| **Date** | **8th July 2026** | **Language** | **Odia** |
| **Headline** | **IIT Bhubaneswar received 'Prakruti Mitra' Award** | | |

# ଆଇଆଇଟି ଭୁବନେଶ୍ୱରକୁ 'ପ୍ରକୃତି ମିତ୍ର ପୁରସ୍କାର'



ଭୁବନେଶ୍ୱର, ୭।୭ (ନି.ପ୍ର): ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଅନୁକରଣୀୟ ଅବଦାନ ପାଇଁ ଖୋର୍ଦ୍ଧା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬' ପ୍ରଦାନ କରାଯାଇଛି। ବନ ମହୋତ୍ସବ ୨୦୨୬ ପାଳନର ଅଂଶ ଭାବରେ ଏହି ପ୍ରତିଷ୍ଠାନକୁ ଜଟଣୀ ବ୍ଲକ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ଠାରୁ ଖୋର୍ଦ୍ଧାର ବିଭାଗୀୟ ବନ ଅଧିକାରୀ (ଡିଏଫଓ) ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ।

ଏହି ଅବସରରେ କେ ରବିନ କୁମାର ଦୋରା, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର, ଆଇଆଇଟି ଭୁବନେଶ୍ୱର ଏବଂ ଉଦ୍ୟାନ କୃଷି, ଆଇଆଇଟି ଭୁବନେଶ୍ୱର କାମିରେଡ଼ି ବିଶ୍ୱସ୍ୱେରା ରେଡ୍ଡୀ ଉପସ୍ଥିତ ଥିଲେ, ଯେଉଁମାନେ ଅନୁଷ୍ଠାନର ସବୁଜ କ୍ୟାମ୍ପସ ପଦକ୍ଷେପରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଇଆଇଟି ଭୁବନେଶ୍ୱର ବ୍ୟାପକ ବୃକ୍ଷରୋପଣ ଅଭିଯାନ, ଜୈବ ବିବିଧତା ସଂରକ୍ଷଣ, ଜଳସମ୍ପଦ ପରିଚାଳନା ଏବଂ ଏକ ସବୁଜ କ୍ୟାମ୍ପସର ବିକାଶ ମାଧ୍ୟମରେ ପରିବେଶଗତ ସ୍ଥିରତା ପ୍ରତି ନିରନ୍ତର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ପ୍ରାୟ ୯୩୬ ଏକର ଜମିରେ ବିସ୍ତାରିତ ଏହି ପ୍ରତିଷ୍ଠାନ ୫୦,୦୦୦ ରୁ ଅଧିକ ବୃକ୍ଷରୋପଣ କରିବା ସହ ସେଗୁଡିକର ସଂରକ୍ଷଣ କରୁଛି।

भारतीय प्रौद्योगिकी संस्थान भुवनेश्वर
**Indian Institute of Technology Bhubaneswar**

| **Media/Publication** | **Yuva Samaya.com** | | |
|---|---|---|---|
| **Date** | **7th July 2026** | **Language** | **Odia** |
| **Headline** | **IIT Bhubaneswar receives prestigious ‘Prakruti Mitra’ Award** | | |
| **Link** | https://yuvasamay.com/iit-bhubaneswar-bagged-prakruti-mitra-award-for-green-campus-initiatives | | |



**ଭୁବନେଶ୍ୱର, ୭ ଜୁଲାଇ ୨୦୨୬:** ଓଡ଼ିଶାର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ପରିବେଶ କ୍ଷେତ୍ରରେ ଏକ ବଡ଼ ସଫଳତା ହାସଲ କରିଛି। ପରିବେଶ ସଂରକ୍ଷଣ, ବ୍ୟାପକ ବନୀକରଣ ଏବଂ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନକୁ ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ ମର୍ଯ୍ୟାଦାଜନକ ‘ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬’ରେ ସମ୍ମାନିତ କରାଯାଇଛି। ବନ ମହୋତ୍ସବ ୨୦୨୬ ପାଳନର ଏକ ଅଂଶସ୍ୱରୂପ, ଜଟଣୀ ବ୍ଲକ ବର୍ଗରେ ଆଇଆଇଟି ଭୁବନେଶ୍ୱରକୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ଖୋର୍ଦ୍ଧାର ମାନ୍ୟବର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ ଏବଂ ଖୋର୍ଦ୍ଧା ବିଭାଗୀୟ ବନ ଅଧିକାରୀ (ଡିଏଫଓ) ଶ୍ରୀ ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ ଅନୁଷ୍ଠାନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଗୌରବମୟ ମୁହୂର୍ତ୍ତରେ ପ୍ରତିଷ୍ଠାନର ସବୁଜ ପ୍ରକଳ୍ପ ସହ ଜଡ଼ିତ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶ୍ରୀ କେ ରବିନ କୁମାର ଦୋରା ଏବଂ ଉଦ୍ୟାନ କୃଷି ବିଶେଷଜ୍ଞ ଶ୍ରୀ କାମିରେଡି ବିଶ୍ୱେଶ୍ୱରା ରେଡ୍ଡୀ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

ଏହି ସଫଳତା ପଛରେ ଆଇଆଇଟି ଭୁବନେଶ୍ୱରର ନିରନ୍ତର ପରିବେଶ ଅନୁକୂଳ ପ୍ରୟାସ ରହିଛି, ଯେଉଁଥିରେ ବ୍ୟାପକ ବୃକ୍ଷରୋପଣ, ଜୈବ ବିବିଧତାର ସୁରକ୍ଷା, ଏବଂ ଜଳସମ୍ପଦର ସୂଚାରୁ ପରିଚାଳନା ସାମିଲ ଅଛି। ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ପ୍ରାୟ ୯୩୬ ଏକର ପରିମିତ ଅଞ୍ଚଳରେ ଗଢ଼ିଉଠିଥିବା ଏହି କ୍ୟାମ୍ପସରେ ୫୦,୦୦୦ ରୁ ଅଧିକ ଗଛର ଯତ୍ନ ନିଆଯାଉଛି। ଏହି ସବୁଜିମା କେବଳ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରୁନାହିଁ, ବରଂ ବିଭିନ୍ନ ପ୍ରକାରର ପଶୁପକ୍ଷୀ ଓ ଉଦ୍ଭିଦଙ୍କ ପାଇଁ ଏକ ସମୃଦ୍ଧ ପ୍ରାକୃତିକ ଆବାସସ୍ଥଳୀ ପାଲଟିଛି। ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି କରୁଥିବା ସଂଗଠନଗୁଡ଼ିକୁ ଉତ୍ସାହିତ କରିବା ପାଇଁ ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଏ। ଏହି ପୁରସ୍କାର ଭବିଷ୍ୟତ ପିଢ଼ି ପାଇଁ ଏକ ସବୁଜ, ସୁସ୍ଥ ଏବଂ ପରିବେଶ ପ୍ରତି ଦାୟିତ୍ୱସମ୍ପନ୍ନ ଶିକ୍ଷାନୁଷ୍ଠାନ ଗଠନ କରିବାକୁ ଆଇଆଇଟି ଭୁବନେଶ୍ୱରର ସଂକଳ୍ପକୁ ଅଧିକ ଦୃଢ଼ କରିଛି।

| | |
|---|---|
| भारतीय प्रौद्योगिकी संस्थान भुवनेश्वर<br>**Indian Institute of Technology Bhubaneswar** | |

| Media/Publication | Prajuktiodisha.com | | |
|---|---|---|---|
| Date | 7th July 2026 | Language | Odia |
| Headline | IIT Bhubaneswar receives 'Prakruti Mitra Award 2025–26' for Environmental Conservation | | |
| Link | https://prajuktiodisha.com/iit-bhubaneswar-receives-prakruti-mitra-award-for-environmental-conservation | | |



ଭୁବନେଶ୍ୱର, ୭ ଜୁଲାଇ ୨୦୨୬: ପରିବେଶ ସଂରକ୍ଷଣ, ବନୀକରଣ ଏବଂ ସ୍ଥାୟୀ କ୍ୟାମ୍ପସ ବିକାଶ ଦିଗରେ ଅନୁକରଣୀୟ ଅବଦାନ ପାଇଁ ଖୋର୍ଦ୍ଧା ବନ ବିଭାଗ ଦ୍ୱାରା ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ 'ପ୍ରକୃତି ମିତ୍ର ପୁରସ୍କାର ୨୦୨୫-୨୬' ପ୍ରଦାନ କରାଯାଇଛି। ଚଳିତ ବନ ମହୋତ୍ସବ ୨୦୨୬ ପାଳନ ଅବସରରେ ଏହି ପ୍ରତିଷ୍ଠାନକୁ ଜଟଣୀ ବ୍ଲକ ବର୍ଗରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। ପ୍ରତିଷ୍ଠାନ ପକ୍ଷରୁ ଆଇଆଇଟି ଭୁବନେଶ୍ୱରର ରେଜିଷ୍ଟ୍ରାର ଶ୍ରୀ ବାମଦେବ ଆଚାର୍ଯ୍ୟ, ଖୋର୍ଦ୍ଧାର ମାନ୍ୟବର ବିଧାୟକ ଶ୍ରୀ ପ୍ରଶାନ୍ତ କୁମାର ଜଗଦେବଙ୍କ ଠାରୁ ଖୋର୍ଦ୍ଧାର ବିଭାଗୀୟ ବନ ଅଧିକାରୀ (ଡିଏଫଓ) ଶ୍ରୀ ମନୋଜ ମହାପାତ୍ରଙ୍କ ଉପସ୍ଥିତିରେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଏହି ବିଶେଷ ଅବସରରେ ଅନୁଷ୍ଠାନର ସବୁଜ କ୍ୟାମ୍ପସ ପଦକ୍ଷେପରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆଇଆଇଟି ଭୁବନେଶ୍ୱରର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶ୍ରୀ କେ ରବିନ କୁମାର ଦୋରା ଏବଂ ଉଦ୍ୟାନ କୃଷି ବିଶେଷଜ୍ଞ ଶ୍ରୀ କାମିରେଡି ବିଶ୍ୱେଶ୍ୱରା ରେଡ୍ଡୀ ମଧ୍ୟ ଉପସ୍ଥିତ ଥିଲେ।

ଆଇଆଇଟି ଭୁବନେଶ୍ୱର ବ୍ୟାପକ ବୃକ୍ଷରୋପଣ ଅଭିଯାନ, ଜୈବ ବିବିଧତା ସଂରକ୍ଷଣ, ଜଳସମ୍ପଦ ପରିଚାଳନା ଏବଂ ଏକ ଆଦର୍ଶ ସବୁଜ କ୍ୟାମ୍ପସର ବିକାଶ ମାଧ୍ୟମରେ ପରିବେଶଗତ ସ୍ଥିରତା ପ୍ରତି ନିରନ୍ତର ପ୍ରତିବଦ୍ଧତା ପ୍ରଦର୍ଶନ କରିଆସିଛି। ଐତିହାସିକ ବରୁଣେଇ ପାହାଡ଼ର ପାଦଦେଶରେ ପ୍ରାୟ ୯୩୬ ଏକର ପରିମିତ ଜମିରେ ବିସ୍ତାରିତ ଏହି ପ୍ରତିଷ୍ଠାନରେ ବର୍ତ୍ତମାନ ସୁଦ୍ଧା ୫୦,୦୦୦ ରୁ ଅଧିକ ବୃକ୍ଷରୋପଣ କରାଯାଇ ସେଗୁଡିକର ସଂରକ୍ଷଣ କରାଯାଉଛି। ଏହା କ୍ୟାମ୍ପସ ମଧ୍ୟରେ ଏକ ସମୃଦ୍ଧ ପରିବେଶଗତ ବାତାବରଣ ସୃଷ୍ଟି କରିବା ସହ ସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ସହିତ ବିଭିନ୍ନ ପ୍ରକାରର ଉଦ୍ଭିଦ ଓ ଜୀବଜନ୍ତୁଙ୍କୁ ସୁରକ୍ଷା ପ୍ରଦାନ କରୁଛି। ପରିବେଶ ସୁରକ୍ଷା, ବନୀକରଣ ଏବଂ ପରିବେଶ ସଚେତନତା ପ୍ରୋତ୍ସାହନ ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଅନୁଷ୍ଠାନ ଏବଂ ସଂଗଠନଗୁଡ଼ିକୁ ଖୋର୍ଦ୍ଧା ବନ ବିଭାଗ ପକ୍ଷରୁ ଏହି ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ଆଞ୍ଚଳିକ ମାନ୍ୟତା ଆଗାମୀ ଭବିଷ୍ୟତ ପିଢ଼ି ପାଇଁ ଏକ ସ୍ଥାୟୀ, ସବୁଜ ଏବଂ ପରିବେଶଗତ ଦାୟିତ୍ୱପୂର୍ଣ୍ଣ କ୍ୟାମ୍ପସ ନିର୍ମାଣ କରିବା ପାଇଁ ଆଇଆଇଟି ଭୁବନେଶ୍ୱରର ସଂକଳ୍ପକୁ ଆହୁରି ସୁଦୃଢ଼ କରିଛି।